# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ , ଗଜପତି

## ଗୃହରକ୍ଷୀ ସଂଗଠିତ ସଂସ୍ଥାରେ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକୃତ ନିମନ୍ତେ ସୂଚନା

**ନୋଟିସ ନଂ ୦୧ / ଗୃହରକ୍ଷୀ ତା ୨୪ /୦୨/୨୦୨୫**

ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡିଶା, କଟକଙ୍କ ଚିଠି ସଂଖ୍ୟା ୨୩୮ / ଗୃହରକ୍ଷୀ ତା.୦୨.୦୨.୨୦୨୫ ୧୩.୦୨.୨୦୨୫ରିଖ ଅନୁଯାୟୀ ଗଜପତି ଜିଲ୍ଲାରେ ନିମ୍ନଲିଖିତ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ଗୃହରକ୍ଷୀ ଚୟନ ପରୀକ୍ଷା **Odisha Home Guard Act-1961, Odisha Home Guards Rules-1962 and Circular Order No. 01/2025** ଅନୁଯାୟୀ କାର୍ଯ୍ୟକରୀ କରାଯିବ। ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥୀନୀ ଗୃହରକ୍ଷୀ ସଂସ୍ଥାରେ ପଞ୍ଜିକୃତ ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର **ଫର୍ମ - ଏ** ସଂପୂର୍ଣ୍ଣ ରୂପେ ପୂରଣ କରି ତାସହିତ ଉଦ୍ଦିଷ୍ଟ ପ୍ରମାଣ ପତ୍ର ସଂଲଗ୍ନ କରି ସିଧାସଳଖ " ସମାଦେଷ୍ଟା ଗୃହରକ୍ଷୀ ବାହିନୀ ତଥା ଆରକ୍ଷୀ ଅଧୀକ୍ଷକ ଗଜପତି,ପାରଳାଖେମୁଣ୍ଡିଙ୍କ ଠିକଣାରେ ସେମାନଙ୍କର ଆବେଦନ ପତ୍ର ତା. **୧୩/୦୩ /୨୦୨୫** ରିଖ ସୁଦ୍ଧା ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଛି | ଇଚ୍ଛୁକ ବ୍ୟକ୍ତି ସେମାନଙ୍କର ଆବେଦନ ପତ୍ର ନିର୍ଦ୍ଧାରିତ ତାରିଖ ରାତ୍ରି ୧୨ ଘଟିକା ସୁଦ୍ଧା ଦାଖଲ କରିପାରିବେ | ଆବେଦନ ପତ୍ର ତା.**୨୭/୦୨ /୨୦୨୫** ରିଖ ଦିବା ୧୦ ଘଟିକା ଠାରୁ ଗ୍ରହଣ କରାଯିବ | ପଞ୍ଜୀକୃତ ନିମନ୍ତେ ପରୀକ୍ଷା ସମୟରେ ସେମାନେ ନିଜର ନିମ୍ନ ବର୍ଣ୍ଣିତ ମୂଳ ପ୍ରମାଣ ପତ୍ର ଗୁଡିକ ଉପସ୍ଥାପନ କରିବେ | ଆବେଦନ ଶେଷ ତାରିଖ ପରେ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ ||

| କ୍ରମିକ ସଂଖ୍ୟା | ଥାନାର ନାମ | ଖାଲି ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା | | ମୋଟ |
|---|---|---|---|---|
| | | ପୁରୁଷ | ମହିଳା | |
| ୦୧ | ପାରଳାଖେମୁଣ୍ଡି ଥାନା | ୧୦ | ୦୦ | ୧୦ |
| ୦୨ | କାଶିନଗର ଥାନା | ୦୩ | ୦୧ | ୦୪ |
| ୦୩ | ଗୁରାଣ୍ଡି ଥାନା | ୦୫ | ୦୦ | ୦୫ |
| ୦୪ | ଗାରବନ୍ଧ ଥାନା | ୦୫ | ୦୨ | ୦୭ |
| ୦୫ | ସେରଙ୍ଗ ଥାନା | ୦୪ | ୦୦ | ୦୪ |
| ୦୬ | ରାୟଗଡା ଥାନା | ୦୧ | ୦୦ | ୦୧ |
| ୦୭ | ଆର. ଉଦୟଗିରି ଥାନା | ୦୯ | ୦୧ | ୧୦ |
| ୦୮ | ରାମଗିରି ଥାନା | ୦୨ | ୦୨ | ୦୪ |
| ୦୯ | ମୋହନା ଥାନା | ୦୧ | ୦୨ | ୦୩ |
| ୧୦ | ଅଡବା ଥାନା | ୧୧ | ୦୧ | ୧୨ |
| | **ମୋଟ** | **୫୧** | **୦୯** | **୬୦** |

**ଆବେଦନ କରିବା ପାଇଁ ଜଣେ ପାର୍ଥୀ ଓ ପାର୍ଥୀନୀ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :-**

**୦୧ .** ପ୍ରାର୍ଥୀ ଓ ପ୍ରାର୍ଥୀନୀ ଜଣେ ଭାରତୀୟ ନାଗରିକ ହୋଇଥିବେ |

**୦୨ .** ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କ ବୟସ ୦୧ . ୦୧ . ୨୦୨୫ ସୁଦ୍ଧା ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ |

**୦୩ .** ପ୍ରାର୍ଥୀ ଓ ପ୍ରାର୍ଥୀନୀ ଅତିକମରେ ପଞ୍ଚମ ଶ୍ରେଣୀ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଥିବେ |

**୦୪ .** ପ୍ରାର୍ଥୀ ଓ ପ୍ରାର୍ଥୀନୀ ଓଡିଆ ଭାଷା ପଢି ,ଲେଖି ଏବଂ କହିପାରୁଥିବେ |

**୦୫ .** ପ୍ରାର୍ଥୀ ଓ ପ୍ରାର୍ଥୀନୀ ଜଣେ ଭଲ ନୈତିକ ଚରିତ୍ରର ଅଧିକାରୀ ହୋଇଥିବେ ଏବଂ ସେ କୌଣସି ଫୌଜଦାରୀ ମାମଲାରେ ବିଚାରର ସମ୍ମୁଖୀନହୋଇନଥିବେ କିମ୍ବା କୌଣସି ଫୌଜଦାରୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇନଥିବେ |

**୦୬ .** ପ୍ରାର୍ଥୀ ଓ ପ୍ରାର୍ଥୀନୀ ଜଣେ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ ଶରୀରର ଅଧିକାରୀ ହୋଇଥିବେ ଏବଂ ତାଙ୍କୁ କୌଣସି ଜଟିଳ ଶାରୀରିକ ସମସ୍ୟା ନଥିବ |

୦୭. ପ୍ରାର୍ଥୀ ଓ ପ୍ରାର୍ଥୀନୀ ପଞ୍ଚମ ଶ୍ରେଣୀ ମାନର ୧୦୦ ଶବ୍ଦର ଏକ ଓଡିଆ ରଚନା ଲିଖନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡିବ

୦୮ . ପ୍ରାର୍ଥୀ ଓ ପ୍ରାର୍ଥୀନୀ ଶାରୀରିକ ଦକ୍ଷତା ସଂକ୍ରାନ୍ତିୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡିବ ।

୦୯ . ପ୍ରାର୍ଥୀ ଓ ପ୍ରାର୍ଥୀନୀ ଏକ ମୌଖିକ ସାକ୍ଷାତକାରର ସମ୍ମୁଖୀନ ହେବାକୁ ପଡିବ ।